ଭୁବନେଶ୍ବର : ୦୪/୧୧/୨୦୨୫( ପ୍ରତ୍ୟୁଷା ବ୍ୟୁରୋ) ସମଗ୍ର ବିଶ୍ବରେ ଜଳବାୟୁ ପରିବର୍ତ୍ତନ ଏକ ଚିନ୍ତାର ବିଷୟ ହୋଇଛି। ଏହା କେବଳ ଜନସାଧାରଣଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି ତା ' ନୁହେଁ ଏହା ବିଶ୍ୱ ସମୁଦାୟରେ କୃଷି କାର୍ଯ୍ୟ ଉପରେ ବାଧା ପହଞ୍ଚାଇ ଦେଇଛି। ଏପରି ପରିସ୍ଥିତିରେ ପରିବର୍ତ୍ତିତ ଜଳବାୟୁ କୁ ଖାପ ଖୁଆଇ ମାର୍ଗ ଦର୍ଶିକା ପ୍ରସ୍ତୁତ ହେବା ଦରକାର। ଶସ୍ୟ ଉତ୍ପାଦନ କ୍ଷତି ରୋକିବା ପାଇଁ ସ୍ବତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ଦରକାର ବୋଲି କଟକ ସ୍ଥିତ ଧାନ ଗବେଷଣା କେନ୍ଦ୍ର ( ସି ଆର ଆର ଆଇ)ଓ କ୍ୟାବ ଇଣ୍ଟର ନ୍ୟାସନାଲ ମିଳିତ ସହଭାଗିତାରେ ଆୟୋଜିତ କର୍ମଶାଳାରେ ଯୋଗ ଦେଇ ଥିବା ବିଭିନ୍ନ ଅନୁଷ୍ଠାନର ସମ୍ମାନିତ ଅତିଥି ମାନେ ମତ ବ୍ୟକ୍ତ କରିଛନ୍ତି। କର୍ମଶାଳାର ପ୍ରଥମ ଦିବସକୁ ସମବେତ ଅତିଥି ମାନେ ପ୍ରଦୀପ ପ୍ରଜ୍ବଳନ କରି ସମ୍ମିଳନୀ ଆରମ୍ଭ ହୋଇ ଥିଲା। ସି ଆର ଆର ଆଇ ର ଅଧିକାରୀ ଡ ରାହୁଲ ତ୍ରିପାଠୀ ସଂଚାଳକ ଭାବେ କର୍ମଶାଳାରେ ବିଶ୍ୱ ସ୍ତରରେ ଶସ୍ୟ ହାନି ବୋଝ ସଂକ୍ରାନ୍ତ ପରାମର୍ଶ ପାଇଁ ଅତିଥି ମାନଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି କ୍ୟାବ୍ ଇଣ୍ଟରନେସନାଲ ନିର୍ଦ୍ଦେଶକ ଶସ୍ୟ ହାନି ବୋଝ ଦୂର ପାଇଁ ପରିବର୍ତ୍ତିତ ଜଳବାୟୁକୁ ଦେଖି ଫସଲ କିସମ ବଦଳାଇବା ସହିତ କୀଟନାଶକ ବ୍ୟବହାର କମାଇବା , ଉନ୍ନତ କୃଷି ପ୍ରଣାଳୀ ଯନ୍ତ୍ରପାତି ବ୍ୟବହାର ଉପରେ ଗୁରୁତ୍ବ ପ୍ରଦାନ କରିଥିଲେ।

The Satyasai Vision e-Publishing : Dt.05.11.25

Link: https://www.youtube.com/watch?v=0CpQu2uOUkg



The Prameya Cuttack Odia Daily : Dt.05.11.25 : Pg.No.09

## ପରିବର୍ତ୍ତିତ ଜଳବାୟୁ ଓ ଶସ୍ୟ ହାନି ପାଲଟିଛି ଚିନ୍ତା

# ରୋଗପୋକ ସହଣି ଧାନଚାଷକୁ ଗୁରୁତ୍ୱ




ଭୁବନେଶ୍ୱର/କଟକ ସଦର,୪।୧୧(ବ୍ୟୁରୋ/ଆପ୍ର): ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ଚିନ୍ତାର ବିଷୟ ପାଲଟିଛି। ଏହା କେବଳ ଜନସାଧାରଣଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି ତା' ନୁହେଁ ବରଂ ବିଶ୍ୱ ସମୁଦାୟରେ କୃଷି କାର୍ଯ୍ୟକୁ ମଧ୍ୟ କ୍ଷତି କରୁଛି। ଓଡ଼ିଶାରେ ଧାନଗଛକୁ ରୋଗପୋକ ଲାଗିବା ଭଳି ସମସ୍ୟା ଦେଖାଦେଇଛି। ଫଳରେ ଧାନ ସହ ଅନ୍ୟ ଶସ୍ୟ ହ୍ରାସ ପାଉଛି। ଏ ପରିସ୍ଥିତିରେ ପରିବର୍ତ୍ତନ ଜଳବାୟୁକୁ ଖାପ ଖୁଆଇ ଚାଷୀମାନଙ୍କ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହେବା ଦରକାର। ବିଶେଷକରି ରୋଗପୋକ ସହଣି ଧାନ ଚାଷ ସହ ଶସ୍ୟ ଉତ୍ପାଦନ କ୍ଷତି ରୋକିବା ପାଇଁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ଜରୁରୀ ହୋଇପଡ଼ିଛି। କଟକସ୍ଥିତ ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର (ସିଆର୍‌ଆର୍‌ଆଇ) ଓ ସେଣ୍ଟର ଫର ଏଗ୍ରିକଲଚରାଲ ଆଣ୍ଡ ବାୟୋସାଇନ୍ସ ଇଣ୍ଟରନ୍ୟାସନାଲ(ସିଏବିଆଇ) ମିଳିତ ସହଭାଗିତାରେ ଆୟୋଜିତ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ମଙ୍ଗଳବାର ଭୁବନେଶ୍ୱରରେ ଏକ ତାରକା ହୋଟେଲରେ ଆୟୋଜିତ ଏହି କର୍ମଶାଳା ପ୍ରାରମ୍ଭରେ ସିଆର୍‌ଆର୍‌ଆଇର ଅଧିକାରୀ ଡ. ରାହୁଲ ତ୍ରିପାଠୀ ସଂଚାଳକ ଭାବେ କର୍ମଶାଳାରେ ଉପସ୍ଥିତ ରହି ଗ୍ରାମୀଣସ୍ତରରେ ଶସ୍ୟହାନି ଓ ଏହାର ପ୍ରତିକାର ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ସିଏବିଆଇର ଗ୍ଲୋବାଲ ଡାଇରେକ୍ଟର(ଡିଜିଟାଲ ଡେଭେଲପମେଣ୍ଟ) ଡ଼କ୍ଟର କାମ୍ବରିଆ ଫିନ୍‌ଗୋଲ୍‌ଡ଼ ପ୍ରମୁଖ ବକ୍ତା ଭାବେ ଶସ୍ୟ ହାନି ବୋଝ ଦୂର ପାଇଁ ପରିବର୍ତ୍ତିତ ଜଳବାୟୁକୁ ଦେଖି ଫସଲ କିସମ ବଦଳାଇବା ସହିତ କୀଟନାଶକ ବ୍ୟବହାର କମାଇବା, ଉନ୍ନତ କୃଷି ପ୍ରଣାଳୀ ଯନ୍ତ୍ରପାତି ବ୍ୟବହାର ଉପରେ ମତ ରଖିଥିଲେ। ଆଲୋଚକଭାବେ ରାଜ୍ୟ କୃଷି ବିଭାଗର ସହାୟକ ନିର୍ଦ୍ଦେଶକ ଗୌରକୃଷ୍ଣ ପତି, ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ

### ଚାଷୀଙ୍କ ପାଇଁ ପଲିସି, ଗବେଷଣା ଓ ଗୋଷ୍ଠୀ ଏକତ୍ରୀକରଣ ହେଉ

### କଟକ ସିଆର୍‌ଆର୍‌ଆଇ, ସିଏବିଆଇର କର୍ମଶାଳା

(ସମ୍ପ୍ରସାରଣ) ପ୍ରଫେସର ଡ. ରବିରତନ ଦାଶ, ଆଇସିଏଆର ଆଇଆଇଡବ୍ଲୁଏମ୍ ଡ. ଅର୍ଜ୍ଜମଦତ୍ତ ଷଡ଼ଙ୍ଗୀ, ଆଇସିଏଆର ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ, ମୃତ୍ତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଭୀମସେନ୍ ସେଠୀ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଆଲୋଚକମାନେ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଅଧୀନରେ ନିଆଯାଉ ଥିବା ବିଭିନ୍ନ ଲୋକହିତକର ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାରେ ବଡ଼ସମସ୍ୟା ହେଉଛି ବାତ୍ୟା ଓ ବନ୍ୟା। ପ୍ରାୟ ପ୍ରତି ବର୍ଷ ବାତ୍ୟା, ବନ୍ୟା ପାଇଁ ହେଉଥିବା କ୍ଷତିକୁ ଦେଖି ଫସଲ ଉତ୍ପାଦନ କିପରି ବୃଦ୍ଧି ହେବ ତାହା ଉପରେ ଆଲୋଚନା ହୋଇଥିଲା। ଏହି ଅଧିବେଶନକୁ ଡ. ବିନୋଦ ପଣ୍ଡିତ ସଂଚାଳନା କରିଥିଲେ। ପରେପରେ ବୈଷୟିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

The Prameya Bhubaneswar Odia Daily : Dt.05.11.25 : Pg.No.07

## ପରିବର୍ତ୍ତିତ ଜଳବାୟୁ ଓ ଶସ୍ୟ ହାନି ପାଲଟିଛି ଚିନ୍ତା

# ରୋଗପୋକ ସହଣି ଧାନଚାଷକୁ ଗୁରୁତ୍ୱ

**ଚାଷୀଙ୍କ ପାଇଁ ପଲିସି, ଗବେଷଣା ଓ ଗୋଷ୍ଠୀ ଏକତ୍ରୀକରଣ ହେଉ**

**କଟକ ସିଆର୍‌ଆର୍‌ଆଇ, ସିଏବିଆଇର କର୍ମଶାଳା**




ଭୁବନେଶ୍ୱର,୪।୧୧(ବ୍ୟୁରୋ): ସମଗ୍ର ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଏକ ଚିନ୍ତାର ବିଷୟ ପାଲଟିଛି। ଏହା କେବଳ ଜନସାଧାରଣଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି ତା' ନୁହେଁ ବରଂ ବିଶ୍ୱ ସମୁଦାୟରେ କୃଷି କାର୍ଯ୍ୟକୁ ମଧ୍ୟ କ୍ଷତି କରୁଛି। ଓଡ଼ିଶାରେ ଧାନଗଛକୁ ରୋଗପୋକ ଲାଗିବା ଭଳି ସମସ୍ୟା ଦେଖାଦେଇଛି। ଫଳରେ ଧାନ ସହ ଅନ୍ୟ ଶସ୍ୟ ହ୍ରାସ ପାଉଛି। ଏ ପରିସ୍ଥିତିରେ ପରିବର୍ତ୍ତନ ଜଳବାୟୁକୁ ଖାପ ଖୁଆଇ ଚାଷୀମାନଙ୍କ ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତ ହେବା ଦରକାର। ବିଶେଷକରି ରୋଗପୋକ ସହଣି ଧାନ ଚାଷ ସହ ଶସ୍ୟ ଉତ୍ପାଦନ କ୍ଷତି ରୋକିବା ପାଇଁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ ହେବା ଜରୁରୀ ହୋଇପଡ଼ିଛି। କଟକସ୍ଥିତ ଆଇସିଏଆର-କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର(ସିଆର୍‌ଆର୍‌ଆଇ) ଓ ସେଣ୍ଟର ଫର ଏଗ୍ରିକଲଚରାଲ ଆଣ୍ଡ ବାୟୋସାଇନ୍ସ ଇଣ୍ଟରନ୍ୟାସନାଲ(ସିଏବିଆଇ) ମିଳିତ ସହଭାଗିତାରେ ଆୟୋଜିତ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି।

ମଙ୍ଗଳବାର ଭୁବନେଶ୍ୱରରେ ଆୟୋଜିତ ଏହି କର୍ମଶାଳାରେ ସିଆର୍‌ଆର୍‌ଆଇର ଅଧିକାରୀ ଡ. ରାହୁଲ ତ୍ରିପାଠୀ ଗ୍ରାମୀଣସ୍ତରରେ ଶସ୍ୟହାନି ଓ ଏହାର ପ୍ରତିକାର ଉପରେ ଗୁରୁତ୍ୱ ଦେଇଥିଲେ। କର୍ମଶାଳାରେ ସିଏବିଆଇର ଗ୍ଲୋବାଲ ଡାଇରେକ୍ଟର(ଡିଜିଟାଲ ଡେଭେଲପମେଣ୍ଟ) ଡ୍ୟାରର କାମରିଆ ଫିନ୍‌ଗୋଲ୍ଡ ପ୍ରମୁଖ ବକ୍ତା ଭାବେ ଶସ୍ୟ ହାନି ରୋକ ଦୂର ପାଇଁ ପରିବର୍ତ୍ତିତ ଜଳବାୟୁକୁ ଦେଖି ଫସଲ କିସମ ବଦଳାଇବା ସହିତ କୀଟନାଶକ ବ୍ୟବହାର କମାଇବା, ଉନ୍ନତ କୃଷି ପ୍ରଣାଳୀ ଯନ୍ତ୍ରପାତି ବ୍ୟବହାର ଉପରେ ମତ ରଖିଥିଲେ। ରାଜ୍ୟ କୃଷି ବିଭାଗର ସହାୟକ ନିର୍ଦ୍ଦେଶକ ଗୌରକୃଷ୍ଣ ପତି, ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ(ସମ୍ପ୍ରସାରଣ) ପ୍ରଫେସର ଡ. ରବିରତନ ଦାଶ, ଆଇସିଏଆର ଆଇଆଇଡବ୍ଲୁଏମ୍ ଡ. ଅର୍ଜମଦଭ ଷଡ଼ଙ୍ଗୀ, ଆଇସିଏଆର ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡ. ପ୍ରତାପ ଭଟ୍ଟାଚାର୍ଯ୍ୟ, ମୃତ୍ତିକା ସଂରକ୍ଷଣ ଯୁଗ୍ମ ନିର୍ଦ୍ଦେଶକ ଭୀମସେନ୍ ସେଠୀ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଅଧୀନରେ ନିଆଯାଉ ଥିବା ବିଭିନ୍ନ ଲୋକହିତକର ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶାରେ ପ୍ରାୟ ପ୍ରତି ବର୍ଷ ବାତ୍ୟା, ବନ୍ୟା ପାଇଁ ହେଉଥିବା କ୍ଷତିକୁ ଦେଖି ଫସଲ ଉତ୍ପାଦନ କିପରି ବୃଦ୍ଧି ହେବ ତାହା ଉପରେ ଆଲୋଚନା ହୋଇଥିଲା। କେନ୍ଦ୍ରସରକାରଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଯଦିଓ ଚାଷୀଙ୍କୁ ଆଶା ଦେଖାଉଛି ହେଲେ ଫସଲହାନୀ ରୋକିବା ଅଧିକ ଯୋଜନା ଖସଡ଼ା ହେବା ଦରକାର। କୃଷି ଉପରେ ଗବେଷଣା କରିବା ସହ ଗୋଷ୍ଠୀ ବିଶେଷ ଏ ବିଷୟରେ ଚିନ୍ତନ ପ୍ରକଟ କରି ଶସ୍ୟ ଅମଳ ଭରଣା ପାଇଁ ମନ ନିବେଶ ପାଇଁ ସକାରାତ୍ମକ ଦୃଷ୍ଟିକୋଣ ଆଣିବାକୁ ପରାମର୍ଶ ଦେଇଥିଲେ ଆଲୋଚକ। ଏହି ଅଧିବେଶନକୁ ଡ. ବିନୋଦ ପଣ୍ଡିତ ସଂଚାଳନା କରିଥିଲେ।

The Sambad Odia Daily : Dt.05.11.25 :Pg.No.14

ସମ୍ବାଦ

### ସିଆର୍‌ଆର୍‌ଆଇ ପକ୍ଷରୁ ଜାତୀୟସ୍ତରୀୟ କର୍ମଶାଳା

# ଜଳବାୟୁ ପରିବର୍ତ୍ତନ ସହନଶୀଳ ଚାଷ ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୪/୧୧(ଇମିସ): ଓଡ଼ିଶାରେ ଧାନ ଫସଲ କ୍ଷତିର ଆକଳନ କରିବାକୁ ପ୍ରମାଣ, ଅନୁଷ୍ଠାନ ଓ ସମ୍ପ୍ରଦାୟକୁ ଏକତ୍ର କରିବାକୁ ଏକ ଗୁରୁତ୍ୱପୂର୍ଣ୍ଣ କର୍ମଶାଳା ଆଜିଠାରୁ ହୋଟେଲ ମେ' ଫେୟାରରେ ଆରମ୍ଭ ହୋଇଛି। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ(ସିଆରଆରଆଇ), ସିଏବି ଇଣ୍ଟରନ୍ୟାସନାଲ୍‌ର ମିଳିତ ସହଯୋଗରେ ହୋଟେଲରେ ଆୟୋଜିତ ଜାତୀୟସ୍ତରୀୟ କର୍ମଶାଳାରେ ସରକାରୀ ଅଧିକାରୀ, ଗବେଷଣା ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ତୃଣମୂଳ ସ୍ତରର ସଂଗଠନର ୮୦ରୁ ଅଧିକ ଅଂଶୀଦାର ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସହନଶୀଳ ଚାଷ ଉପରେ ମତପ୍ରକାଶ କରିଛନ୍ତି। ସିଏବି ଇଣ୍ଟରନ୍ୟାସନାଲ୍ ଗ୍ଲୋବାଲ ନିର୍ଦ୍ଦେଶକ କାମ୍ବ୍ରିଆ ଫାଇନ୍‌ଗୋଲ୍ଡ କହିଲେ ଜଳବାୟୁ ପରିବର୍ତ୍ତନ ଓ ଖାଦ୍ୟ ସୁରକ୍ଷାର ଦ୍ୱୈତ ସଙ୍କଟ ଦେଖାଦେଇଛି। ତେଣୁ ଫସଲକୁ ଭଲ ଭାବେ ସୁରକ୍ଷା ଦେବା, ଜୀବିକା ନିର୍ବାହ ଓ ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସମସ୍ତଙ୍କ ସମର୍ଥନର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜ୍‌ମେଣ୍ଟ ନିର୍ଦ୍ଦେଶକ ଏ. ଷଡ଼ଙ୍ଗୀ ବିଭିନ୍ନ ସ୍ତରର ସୂଚନା, ଦୃଢ଼ ରିମୋଟ୍ ସେନ୍ସିଂ କ୍ଷମତା ସାମିଲ କରୁଥିବା ଫସଲ ମଡେଲ୍ ଏବଂ କ୍ୟାଲିବ୍ରେଟେଡ୍ ନିଷ୍ପତ୍ତି ସମର୍ଥନ ପ୍ରଣାଳୀ ଯାଞ୍ଚ, ଏବେ ଥିବା ମଡେଲ୍ ଓ ଗବେଷଣାକୁ ଆହୁରି ସୁଦୃଢ଼ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ସିଆରଆରଆଇର ନିର୍ଦ୍ଦେଶକ ପ୍ରତାପ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଗୁଣବତ୍ତା, ଉତ୍ତରଦାୟିତ୍ୱ ଓ ତଥ୍ୟ ଅଂଶୀଦାରଙ୍କୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ଯୁଗ୍ମ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ପତି କହିଛନ୍ତି ଯେ ରାଜ୍ୟରେ ୩୦% ଫସଲ ବୀମା ପାରମ୍ପରିକ ଫସଲ କଟା ପରୀକ୍ଷଣ ପରିବର୍ତ୍ତେ ବୈଜ୍ଞାନିକ ଭାବେ ସମର୍ଥିତ ଫସଲ ବୀମା ବଣ୍ଟନ ସହ ଜଡ଼ିତ ରହିଛି। ଅଧିକ ନିର୍ଭରଯୋଗ୍ୟ ଫସଲ କ୍ଷତି ତଥ୍ୟ ସହ ଫସଲ ବୀମା ଚାଷୀଙ୍କ ପାଇଁ ସକରାତ୍ମକ ଫଳ ପ୍ରଦାନ କରିବାର ଦୃଢ଼ ସମ୍ଭାବନା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓୟୁଏଟି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପ୍ରଫେସର ରବିରତନ ଦାସ, ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଲକ୍ଷ୍ମୀଧର ବିଶ୍ୱାଳ, ସିଏବିଆଇ ଆଞ୍ଚଳିକ ନିର୍ଦ୍ଦେଶକ ବିନୋଦ ପଣ୍ଡିତ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଫସଲ କ୍ଷତିର ଲିଙ୍ଗଗତ ଓ ସାମାଜିକ-ଆର୍ଥିକ ପ୍ରଭାବ ବିଷୟରେ ମତପ୍ରକାଶ କରିଥିଲେ।

BHUBANESWAR Edition
Page No.14 November 05, 2025

The Samaja Odia Daily : Dt.05.11.25 : Pg.No.09

# ଫସଲ କ୍ଷତି ଆକଳନ ସମ୍ପର୍କିତ କର୍ମଶାଳା




ଟକ,୪।୧୧(ନି.ପ୍ର): ପ୍ରତିବର୍ଷ ସାରା ବିଶ୍ୱରେ ୪୦% ର୍ଯ୍ୟନ୍ତ ଫସଲ ଅମଳ ପୂର୍ବରୁ ନଷ୍ଟ ହୋଇଯାଏ, ଯାହା କ୍ଷ ଲକ୍ଷ ଚାଷୀଙ୍କ ଖାଦ୍ୟ ସୁରକ୍ଷା, ଜୀବିକା ଏବଂ ର୍ଥିକ ସ୍ଥିରତା ପାଇଁ ଏକ ବିପଦ ସୃଷ୍ଟି କରେ । ଓଡ଼ିଶାର ଧାନ ଚାଷ କ୍ଷତିର ଆକଳନ, ପ୍ରମାଣ ଯୋଗାଡ ମ୍ପର୍କରେ ସଚେତନ କରିବା ଲାଗି କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ କଟକ ଓ ଭୁବନେଶ୍ୱରରେ ତିନିଦିନିଆ କର୍ମଶାଳା ଆରମ୍ଭ ହୋଇଛି । କର୍ମଶାଳାର ପ୍ରଥମ ଦିନରେ ସରକାରୀ ବିଭାଗ, ଗବେଷଣା ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ, ତୃଣମୂଳ ସ୍ତରର ସଂଗଠନ ଏବଂ ଣମାଧ୍ୟମର ପ୍ରତିନିଧିତ୍ୱ କରୁଥିବା ୮୦ ରୁ ଅଧିକ ଂଶୀଦାର ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମ ଫସଲ କ୍ଷତି ସହିତ ଜଡ଼ିତ ବର୍ତ୍ତମାନର ନିଷ୍ପତ୍ତି ଗ୍ରହଣ, ପ୍ରମାଣ ପ୍ରବାହ ଏବଂ ତଥ୍ୟ ବ୍ୟବଧାନକୁ ମ୍ୟାପ୍ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା । ଓଡ଼ିଶା ସରକାରଙ୍କ କୃଷି ଏବଂ ଖାଦ୍ୟ ଉତ୍ପାଦନ ବିଭାଗର କୃଷି ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର କୃଷ୍ଣ ପତି କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ ରାଜ୍ୟରେ ୩୦% ଫସଲ ବୀମା ପାରମ୍ପରିକ ଫସଲ କଟା ପରୀକ୍ଷଣ ପରିବର୍ତ୍ତେ ବୈଜ୍ଞାନିକ ଭାବରେ ସମର୍ଥିତ ଫସଲ ବୀମା ବଣ୍ଟନ ସହିତ ଜଡ଼ିତ । ଅଧିକ ନିର୍ଭରଯୋଗ୍ୟ ଫସଲ କ୍ଷତି ତଥ୍ୟ ସହିତ, ଫସଲ ବୀମା ଚାଷୀଙ୍କ ପାଇଁ ସକାରାତ୍ମକ ଫଳାଫଳ ପ୍ରଦାନ କରିବାର ଏକ ଦୃଢ଼ ସମ୍ଭାବନା ରଖିଛି । ଇଣ୍ଡିଆନ ଇନିଷ୍ଟିଚ୍ୟୁଟ ଅଫ୍ ୱାଟର ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଡକ୍ଟର ଏ. ଷଡ଼ଙ୍ଗୀ ନିର୍ଭରଯୋଗ୍ୟ ଆକଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକର ନିର୍ଦ୍ଦେଶକ ଡକ୍ଟର ପ୍ରତାପ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟକୁ ଆବଶ୍ୟକ କରୁଥିବା ଦୃଢ଼ ତଥ୍ୟ ସ୍ଥାପତ୍ୟ ଗଠନ ପାଇଁ ତଥ୍ୟ ଗୁଣବତ୍ତା, ଉତ୍ତରଦାୟିତ୍ୱ ଏବଂ ତଥ୍ୟ ଅଂଶୀଦାରକୁ ସୁଦୃଢ଼ କରିବା ଗୁରୁତ୍ୱପୂର୍ଣ୍ଣ । ଆଗାମୀ ଦୁଇ ବର୍ଷ ପାଇଁ ନିର୍ଭରଯୋଗ୍ୟ ଧାନ ଫସଲ କ୍ଷତି ତଥ୍ୟର ଉତ୍ପାଦନ ଏବଂ ବ୍ୟବହାରକୁ ସକ୍ଷମ କରିବା ପାଇଁ ପ୍ରମୁଖ ପ୍ରତିବନ୍ଧକଗୁଡ଼ିକୁ ବୁଝିବା ଏବଂ ଯୋଜନା ସହ ବିକଶିତ କରିବା ପାଇଁ କର୍ମଶାଳାରେ ଆଲୋଚନା ହେବ ।

The Samaja, CUTTACK Edition
Page No.9 November 05, 2025

The Sanmarg Hindi Daily : Dt.05.11.25 : Pg.No.07

# खेतों में फसल हानि रोकने को सीएबीआई व सीआरआरआई ने मिलाया हाथ

## 'ग्लोबल बर्डन ऑफ क्रॉप लॉस' पहल की शुरुआत की




भुवनेश्वर, (निप्र) : प्रत्येक वर्ष पूरे विश्व में 40 प्रतिशत तक फसलें कटाई से पहले ही नष्ट हो जाती हैं, जिससे लाखों किसानों की खाद्य सुरक्षा, आजीविका और आर्थिक स्थिरता को गंभीर खतरा पैदा होता है। सीएबीआई द्वारा प्रबंधित एक कार्यक्रम, 'ग्लोबल बर्डन ऑफ क्रॉप लॉस' पहल, इस गंभीर वैश्विक समस्या का समाधान करने के लिए शुरू की गई है। इसका उद्देश्य फसलों और क्षेत्रों में फसल हानि का विश्वसनीय और कार्रवाई योग्य अनुमान तैयार करना है, जिससे प्रमुख हितधारकों को इन हानियों को कम करने के लिए डेटा-आधारित हस्तक्षेपों की ओर बढ़ने में मदद मिल सके। भारत में, इस पहल के तहत, सीएबीआई और सीआरआरआई, कटक अन्य साझेदारों के साथ मिलकर ओड़िशा की चावल प्रणाली में होने वाले नुकसान को समझने के लिए एक परियोजना पर काम कर रहे हैं। यह खाद्य और आजीविका का एक महत्वपूर्ण स्रोत है, जो जैविक (कीट, रोग) और अजैविक (बाढ़, सूखा, लवणता) दोनों ही प्रकार के दबावों से अत्यधिक प्रभावित होता है। इस कार्यक्रम की आधिकारिक शुरुआत इसी साल सितंबर में हुई थी और इसमें फसल हानि के लैंगिक और सामाजिक-आर्थिक प्रभावों पर गहन अध्ययन किया गया है। पिछले महीने कटक में एक कार्यशाला में 75 से अधिक हितधारकों ने ज्ञान के आदान-प्रदान और साझा शिक्षा के लिए भाग लिया। साक्ष्य, संस्थानों और समुदायों को एक साथ लाने के लिए, सीएबीआई और सीआरआरआई 4-6 नवंबर के दौरान भुवनेश्वर और कटक में तीन दिवसीय कार्यशाला आयोजित कर रहे हैं। कार्यशाला के पहले दिन सरकारी विभागों, अनुसंधान संस्थानों, शिक्षाविदों, जमीनी स्तर के संगठनों और मीडिया का प्रतिनिधित्व करने वाले 80 से अधिक हितधारकों ने भाग लिया। इस कार्यक्रम का उद्देश्य फसल हानि से संबंधित वर्तमान निर्णय लेने की प्रक्रिया, साक्ष्य प्रवाह और आंकड़ों के अंतराल का मानचित्रण करना है। यह जीबीसीएल अंतर्दृष्टि को चल रहे राष्ट्रीय और राज्य कार्यक्रमों में एकीकृत करने के लिए सह-विकासशील मार्गों का आधार बनेगा। ओडिशा में किसानों की उपज और आजीविका की सुरक्षा के मौजूदा प्रयासों के प्रभाव को और मजबूत करने के लिए फसल नुकसान के पैमाने और कारणों को समझना बेहद जरूरी है। ओड़िशा सरकार के कृषि एवं खाद्य उत्पादन विभाग के संयुक्त निदेशक, कृषि, डॉ कृष्णा पति ने बताया कि राज्य में 30 प्रतिशत फसल बीमा में पारंपरिक फसल कटाई प्रयोगों के बजाय वैज्ञानिक रूप से समर्थित फसल बीमा वितरण को शामिल किया गया है। फसल नुकसान के और भी पुख्ता आंकड़े होने से किसानों के लिए फसल बीमा के सकारात्मक परिणामों को बल मिलेगा। आईसीएआर-भारतीय जल प्रबंधन संस्थान के निदेशक डॉ ए षड़ंगी ने विश्वसनीय अनुमानों के महत्व पर प्रकाश डाला। सीआरआरआई और जीबीसीएल अगले 2 दिनों तक हितधारकों के साथ चर्चा जारी रखेंगे ताकि प्रमुख बाधाओं को समझा जा सके और अगले 2 वर्षों के लिए विश्वसनीय चावल फसल हानि डेटा के उत्पादन और उपयोग को सक्षम करने वाली योजनाओं का सह-विकास किया जा सके।

The newsonair.gov.in e-Publishing : Dt.09.11.25

Link: https://www.newsonair.gov.in/union-minister-shivraj-singh-chouhan-to-visit-odisha-for-farmers-welfare-programmes/

newsonair.gov.in/union-minister-shivraj-singh-chouhan-to-visit-odisha-for-farmers-welfare-programmes/

Akashvani News

Search

# Union Minister Shivraj Singh Chouhan To Visit Odisha For Farmers' Welfare Programmes




Union Agriculture and Farmers' Welfare Minister Shivraj Singh Chouhan will visit Odisha tomorrow to participate in key programmes aimed at enhancing farmers' income, ensuring nutritional security, and promoting natural farming practices in the state
.

The Ministry of Agriculture and Farmers' Welfare said in a release that Mr. Chouhan will attend the inaugural session of Mandia Dibasa (Millet Day) as the chief guest. He will highlight the Centre's initiatives to encourage the production, processing, and consumption of millets across Odisha and the rest of the country.

The Agriculture Minister will then visit the Sadar region of Cuttack to conduct field visits and hold direct interactions with farmers. He will also participate in a joint strategic meeting at the ICAR – Central Rice Research Institute to strengthen the implementation of key national agricultural initiatives. According to the Ministry, Mr. Chouhan's visit is being viewed as a significant step towards advancing sustainable and self-reliant agriculture in Odisha.

<u>The ANI News e-Publishing : Dt.10.11.25</u>

Link: https://www.youtube.com/watch?v=bxOwD22wEWM



<u>The ANI Bharat e-Publishing : Dt.10.11.25</u>

Link: https://www.youtube.com/watch?v=uoNlaByza4Y



The Pratyusha News e-Publishing : Dt.10.11.25

Link: https://pratyushanews.in/?p=5627

pratyushanews.in/?p=5627

# Visit Of Union Agriculture Minister To ICAR-CRRI, Cuttack Marks A Key Milestone In Empowering Odisha's Farmers".

By Pratyusha News — Last updated Nov 10, 2025 ଓଡ଼ିଆ




Share 27 0

Bhubaneswar: 10 Nov 2025 ,( Pratyusha bureau )The Hon'ble Union Minister for Agriculture and Farmers' WelfareShri Shivraj Singh Chouhan chaired a high-level meeting on"Convergence Strategies for Implementation of PM Dhan-Dhanya KrishiYojana, Mission for Atmanirbharta in Pulses and National Mission forNatural Farming" during his visit to ICAR-Central Rice ResearchInstitute, Cuttack on 10th November 2025. Shri Kanak Vardhan SinghDeo, Hon'ble Deputy Chief Mnister, Govt. of Odisha graced the occasionas special guest. Dr. M.L. Jat, Secretary, Department of AgriculturalResearch and Education, Dr. Devesh Chaturvedi, Additional Secretary,DARE & Secretary, ICAR joined virtually. Smt. F. Deborah Initha, JointSecretary (Crops), Govt. of India, Dr. D.K. Yadav, Deputy DirectorGeneral (Crop Science); Dr A.K. Nayak, Deputy Director General(Natural Resources Management); Dr. N.P. Dixit, Director, Indian Instituteof Pulse Research, Scientists, officers from state governmentdepartments and about 400 farmers participated in the meeting.The Hon'ble Union Minister stated that central governmentschemes, in collaboration with the state government, will significantlytransform the lives of farmers. He highlighted that Odisha is makingremarkable progress in vegetable cultivation through natural farming.He emphasized efforts to ensure farmers receive fair prices for theirproduce. The Hon'ble Minister encouraged the large-scale production ofpulses in Odisha for its favorable climate. He urged farmers to moveaway from toxic chemicals and adopt natural and integrated farmingpractices, including animal husbandry, fisheries, and poultry. During hisvisit to Rajhans village in Cuttack Sadar, the Hon'ble Minister interactedwith farmers to understand their agricultural challenges and advisedthem to diversify their crops beyond rice and vegetables, including seedproduction.Shri Kanak Vardhan Singh Deo, Deputy Chief Minister andAgriculture Minister, Government of Odisha in his address said that theState of Odisha is working jointly for the betterment of agriculturethrough Central Government sponsored schemes, financial andtechnical assistance, decentralized schemes, policy convergence andcoordinated implementation of various programmes.Dr. M.L. Jat, Secretary, DARE & Director General of ICAR, statedthat Odisha has a vast biodiversity structure.

# Odisha hosts key dialogue to align evidence, institutions, and communities for estimating rice crop losses

Bhubaneswar (PNS): Every year, up to 40% of crops worldwide are lost prior to harvest, posing severe threatto food security, livelihoodsand economic stability to millions of farmers. The Global Burden of Crop Loss (GBCL) initiative - aprogramme managed by CABI, has set out to address this critical global issue. It aims to generate trusted and actionable estimates of crop losses across crops and regions, thereby enabling key stakeholders to move towards data-driven interventions to reduce these losses. In India, under the initiative, CABI and CRRIalong with other partners including AbacusBio, are collaborating on a project to understand losses in Odisha's rice systems -a vital source of food and livelihoodswhich is highly affected by both biotic (pests, diseases) and abiotic (flood, drought, salinity) stresses. The programme was officially launched in September this year, and has delved into the gender and socio-economic impact of crop loss bringing over 75 stakeholders for knowledge exchange and shared learning in a workshop



in Cuttack last month.

In order to align evidence, institutions, and communities,CABI and CRRI are convening athree-day workshop during November 4-6 in Bhubaneswar and Cuttack. The first day of the workshop was attended by over 80 stakeholders representing government departments, research institutions, academia, grassroot-level organizations and media. The event strives to map current decision-making,evidence flows and data gaps related to crop losses. This will form the basis for co-developing pathways for integrating GBCL insights into ongoing national and state programs.

Understanding the scale and causes of crop losses is critical for further strengthening the impact of existing efforts for safeguarding farmer yields and livelihoods in Odisha. Dr Krishna Pati, Joint Director, Agriculture from the Department of Agriculture and Food Production, Government of Odisha, said that 30% of crop insurance in the state has incorporated scientifically backed crop insurance disbursement as against conventional crop-cutting experiments. Having even more robust data on crop losses would strongly support positive outcomes for farmers from crop insurance.

Dr. A. Sarangi, Director, ICAR-Indian Institute of Water Management, Bhubaneswar further highlighted the value of having reliable estimates. He commented: "Validation of crop models and calibrated decision support systemsconverging different layers of information could go a long way in further strengthening the strong remote sensing capabilities, existing models and research." Dr. P. Bhattacharyya, Director, ICAR-Central Rice Research Institute, Cuttack, added that strengthening data quality, responsibility and data sharing (including attribution tags) are key to building a strong data architecture that the state needs.

Commenting on the value of the project, Cambria Finegold, Global Director from CABI who is leading the GBCL project, said: "In a world facing the dual crises of climate change and food insecurity, we cannot afford to lose what we already grow. We look forward to supporting our Odisha partners and our stakeholders in the efforts to better protect crops, improve livelihoods, and strengthen food systems."

CRRI and CABI will be continuing the discussions with stakeholders over the next 2 days to understand the key bottlenecks and co-develop the plans enabling the production and use of trusted rice crop loss data for the next 2 years.

**ଏନ୍‌ଆର୍‌ଆର୍‌ଆଇରେ କେନ୍ଦ୍ର କୃଷି ମନ୍ତ୍ରୀ**

# ଚାଷରେ କମ୍ ରାସାୟନିକ ବ୍ୟବହାର ପାଇଁ ପରାମର୍ଶ

କଟକ/କଟକସଦର,୧୦।୧୧ (ବ୍ୟୁରୋ/ଆପ୍ର): କୃଷକଙ୍କ ବିକାଶ ପାଇଁ କେନ୍ଦ୍ର ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ ରାଜ୍ୟ ସରକାରଙ୍କ ବିନା ସହଯୋଗରେ ଏହି ଯୋଜନାଗୁଡ଼ିକ ବିଶେଷ ଫଳପ୍ରଦ ହୋଇପାରିବନାହିଁ। ଏଥିପାଇଁ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗର ଆବଶ୍ୟକତା ରହିଛି ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲ ଆତ୍ମନିର୍ଭରତା ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ' ଯୋଜନା କାର୍ଯ୍ୟକାରିତା ସଂପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଲେ ଯେ, ପ୍ରାକୃତିକ ଉପାୟରେ ଓଡ଼ିଶା ପନିପରିବା ଚାଷରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଚାଷୀମାନେ ଚାଷରେ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାରରୁ ଦୂରେଇ ରହିବାକୁ କେନ୍ଦ୍ର କୃଷି ଏହି ଅବସରରେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ରାଜ୍ୟର କୃଷକମାନଙ୍କୁ ପଶୁପାଳନ, ମତ୍ସ୍ୟପାଳନ, କୁକୁଡ଼ା ପାଳନ ଆଦି ଉପରେ ଗୁରୁତ୍ୱ ଦେବାକୁ ମଧ୍ୟ ଶ୍ରୀ



ଚୌହାନ କହିଥିଲେ। ଓଡ଼ିଶାର ଅନୁକୂଳ ଜଳବାୟୁ ପାଇଁ ଡାଲିର ବୃହତ ପରିମାଣର ଉତ୍ପାଦନକୁ ଉତ୍ସାହିତ କରିଥିଲେ। ଏଥିରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା, ଆର୍ଥିକ ଏବଂ ବୈଷୟିକ ସହାୟତା, ବିକେନ୍ଦ୍ରୀକରଣ ଯୋଜନା ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ କୃଷିର ଉନ୍ନତି ପାଇଁ ଓଡ଼ିଶା ମିଳିତ ଭାବରେ କାର୍ଯ୍ୟ କରୁଛି ବୋଲି କହିଥିଲେ। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ, କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଭର୍ଚୁଆଲ୍ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟ କେନ୍ଦ୍ର ଯୁଗ୍ମ ସଚିବ ଏଫ. ଦେବାରା ଇନିଥା, ପରିଷଦର ଫସଲ ବିଜ୍ଞାନର ଉପମହାନିର୍ଦ୍ଦେଶକ ଡକ୍ଟର ଡି.କେ. ଯାଦବ, ପ୍ରାକୃତିକ ସମ୍ପଦ ପରିଚାଳନାର ଉପମହାନିର୍ଦ୍ଦେଶକ ଡକ୍ଟର ଏ.କେ. ନାୟକ, ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏନ.ପି. ଦୀକ୍ଷିତଙ୍କ ସମେତ ଏନ୍‌ଆର୍‌ଆର୍‌ଆଇ ବହୁ ବୈଜ୍ଞାନିକ, ବିଭିନ୍ନ ଅଧିକାରୀ ଏବଂ ପ୍ରାୟ ୪୦୦ ଜଣ ଚାଷୀ ଓ ମହିଳା ଚାଷୀ ବୈଠକରେ ଅଂଶଗ୍ରହଣ କରିଥିଲେ। ସିଆର୍‌ଆର୍‌ଆଇ ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର ସ୍ୱାଗତ ଭାଷଣ ଦେଇଥିବାବେଳେ ଡକ୍ଟର ରାହୁଲ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ବୈଠକ ପରେ କେନ୍ଦ୍ରମନ୍ତ୍ରୀ କଟକ ସଦରର ରାଜହଂସ ଗ୍ରାମ ଗସ୍ତ କରିଥିଲେ। ସେଠାରେ ସେ ଚାଷୀମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କୁ ଧାନ ଏବଂ ପନିପରିବା ବ୍ୟତୀତ ଅନ୍ୟାନ୍ୟ ଲାଭଜନକ କୃଷି ସାମଗ୍ରୀ ଉତ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ।

## ଚାଷୀଙ୍କ ସହ ଭାବ ବିନିମୟ କଲେ

ବୟାଳିଶମୌଜା,୧୦।୧୧(ଆପ୍ର): ଚାଷୀମାନଙ୍କ ସହ ଭାବ ବିନିମୟ ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୋମବାର କଟକ ସଦର ବ୍ଲକ୍ ଅନ୍ତର୍ଗତ ରାଜହଂସ ଗ୍ରାମକୁ ଆସିଥିଲେ। ତାଙ୍କ ସହିତ ରାଜ୍ୟ କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଧ୍ୟ ଆସିଥିଲେ। ଧାନ, ବିରି, ମୁଗ ଓ ଚିନାବାଦାମ ଉତ୍ପାଦନ ସମ୍ପର୍କରେ



ଶତାଧିକ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗ୍ରଣୀ ଚାଷୀ ରାମଚନ୍ଦ୍ର ମୁଦୁଲି, ଗୋବିନ୍ଦ ବେହେରା, ନିରଞ୍ଜନ ମୁଦୁଲି, ବାବନ୍ ବେହେରା ଓ ନିଆଳି ଅଞ୍ଚଳର ଧରଣୀ ଧର ନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ମାଙ୍କଡ଼ ଓ ଷଣ୍ଢ ଫସଲ ନଷ୍ଟ କରୁଥିବାରୁ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନେ ମନ୍ତ୍ରୀ ଶ୍ରୀ ଚୌହାନଙ୍କୁ ଅନୁରୋଧ କରିଥିଲେ। ଜାତୀୟ ଧାନ ଗବେଷଣା କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କୃଷି ଉପମହାନିର୍ଦ୍ଦେଶକ ଡ. ଡିକେ ଯାଦବ, ଡ. ଏକେ ନାୟକ, ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ଜି.ଏ.କେ କୁମାର, ରାଜ୍ୟ ମହିଳା କମିସନ୍ ସଦସ୍ୟା ପ୍ରତିଭା ଶତ୍‌ପଥୀ, ବ୍ଲକ୍ କୃଷି ଅଧିକାରୀ ଜଫନା ରାୟ, ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, କୃଷକ ମୋର୍ଚ୍ଚାର ଉପସଭାପତି ହୃଷିକେଶ ଜେନା, ତାପସ କୁମାର ଦ୍ୱିବେଦୀ, କୃଷକ ସାଥୀ ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

The Samaja Odia Daily : Dt.11.11.25 : Pg.No.03

## ଚାଷୀଙ୍କୁ କେନ୍ଦ୍ର କୃଷିମନ୍ତ୍ରୀଙ୍କ ପରାମର୍ଶ

# ଜୈବିକ ପଦ୍ଧତିରେ ବହୁବିଧ ଚାଷ କର



କନ୍ଦରପୁର,୧୦।୧୧(ନି.ପ୍ର):ରାସାୟନିକ ସାର ପ୍ରୟୋଗ ପରିବର୍ତ୍ତେ ଜୈବିକ ଉପାୟରେ ଚାଷ କରିବାକୁ କୃଷକଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ। ସେହିପରି ଗୋଟିଏ ଫସଲ ଉପରେ ନିର୍ଭର ନ କରି ବିବିଧ ଫସଲ କଲେ ଚାଷୀ ଅଧିକ ଲାଭବାନ ହୋଇପାରିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି। ଅପରପକ୍ଷେ ବିହନ ଉତ୍ପାଦନ କରିବାକୁ ସେ ପରାମର୍ଶ ଦେଇଛନ୍ତି। କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ଠାରେ ସୋମବାର ଅପରାହ୍ଣରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ରାଜହଂସ ଗ୍ରାମର ଚାଷୀଙ୍କ ସହିତ ଚାଷ ପ୍ରଣାଳୀ ଓ ସମସ୍ୟା ନେଇ ଆଲୋଚନା ସମୟରେ ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଏହି ଆଲୋଚନା ସମୟରେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଚାଷୀ ଗୋବିନ୍ଦ ବେହେରା, ରାମଚନ୍ଦ୍ର ମୁଦୁଲି, ପ୍ରଭାକର ମୁଦୁଲି, ବିଶ୍ୱଜିତ ମୁଦୁଲି, ନାରାୟଣ ବେହେରା, ଗିରିଧାରୀ ଲେଙ୍କା, ଅଜୟ ଜେନା ନବକିଶୋର ଜେନାଙ୍କ ସମେତ ବହୁ ଚାଷୀ ନିଜ ନିଜର ବକ୍ତବ୍ୟ ରଖିବା ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ବାତ୍ୟା 'ମନ୍ଥା' ପ୍ରଭାବରେ ପନିପରିବା କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଏଥି ସହିତ ପାଣି ସମସ୍ୟା କାରଣରୁ ରବି ଫସଲ ବାଧାପ୍ରାପ୍ତ ହେଉଛି। କୋବି, ଭେଣ୍ଡି, ପୋଟଳ ଆଦି ପରିବା ଏହି ଅଞ୍ଚଳରେ ଚାଷ ହୁଏ କିନ୍ତୁ ମାଙ୍କଡ଼ ଓ ଷଣ୍ଢ ମାନେ ଏହାକୁ ଖାଇ ଯିବା ସହିତ ନଷ୍ଟ କରିଦିଅନ୍ତି। ଯାହା ଦ୍ୱାରା ଅନେକ କ୍ଷତି ହୁଏ ବୋଲି ଚାଷୀ ମାନେ ଅଭିଯୋଗ କରିଥିଲେ। ଆହୁରି ମଧ୍ୟ ଚାଷ ହୋଇଥିବା ବିଭିନ୍ନ ପରିବା ସଂରକ୍ଷଣ କରିବା ପାଇଁ ଶୀତଳ ଭଣ୍ଡାର ନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏହାର ଉତ୍ତରରେ ସୌର ବାଡ଼ ଦ୍ୱାରା ଷଣ୍ଢ ଓ ମାଙ୍କଡ଼ଙ୍କୁ ରୋକା ଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ। ଏତଦ ବ୍ୟତୀତ ଶୀତଳ ଭଣ୍ଡାର ପାଇଁ ଜାଗା ନିରୀକ୍ଷଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହିତ ଡାଲି ଓ ଖାଇବା ତେଲ ଜାତୀୟ ଚାଷ ଉପରେ ଆଲୋକପାତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇସିଏଆର୍ - ସିଆରଆରଆଇ ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ପ୍ରମୁଖଙ୍କ ସମେତ ରାଜ୍ୟ ବିଜେପି କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, କଟକ ସଦର ଆମ୍ବା ସଭାପତି ରମା ପ୍ରସାଦ ବିଶ୍ୱାଳ, କଟକ ଜିଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ପ୍ରମୁଖଙ୍କ ସହିତ ଚାଷୀମାନେ ଯୋଗ ଦେଇଥିଲେ।

The Sambad Odia Daily : Dt.11.11.25 : Pg.No.08

ସମ୍ବାଦ

# ଏନ୍‌ଆର୍‌ଆର୍‌ଆଇରେ କେନ୍ଦ୍ର କୃଷିମନ୍ତ୍ରୀ



କଟକ-ବିଦ୍ୟାଧରପୁର, ୧୦।୧୧ (ଇମିସ): କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜସିଂହ ଚୌହାନଙ୍କ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ(ସିଆର୍‌ଆର୍‌ଆଇ) ଗସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆୟୋଜିତ ବୈଠକରେ ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲ ଆତ୍ମନିର୍ଭରତା ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ କାର୍ଯ୍ୟକାରୀ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶା ସରକାରଙ୍କ ଉପମୁଖ୍ୟ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ, କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଭର୍ଚୁଆଲ୍‌ରେ ଯୋଗ ଦେଇଥିଲେ। ଯୁଗ୍ମ ସଚିବ ଏଫ୍. ଦେବୋରା ଇନିଥା, ଫସଲ ବିଜ୍ଞାନ ସଂଭାଗର ଉପ-ମହାନିର୍ଦ୍ଦେଶକ ଡକ୍ଟର ଡି.କେ. ଯାଦବ, ପ୍ରାକୃତିକ ସମ୍ପଦ ପରିଚାଳନା ସଂଭାଗର ଉପ-ମହାନିର୍ଦ୍ଦେଶକ ଡକ୍ଟର ଏ.କେ. ନାୟକ, ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏନ. ପି. ଦୀକ୍ଷିତ ଏବଂ ୪ଶହ ଚାଷୀ ଓ ମହିଳା ଉପସ୍ଥିତ ଥିଲେ। ମନ୍ତ୍ରୀ ଶ୍ରୀ ଚୌହ୍ୱାନ ରାଜହଂସ ଗ୍ରାମ ଗସ୍ତ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଡିଏଆର୍‌ଇ ଅତିରିକ୍ତ ସଚିବ ଏବଂ ଆଇସିଏଆର୍ ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଓଡ଼ିଶାରେ ପାମ୍ ତେଲର ପ୍ରସାର ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏନ.ପି. ଦୀକ୍ଷିତ ବକ୍ତବ୍ୟ ଦେଇଥିଲେ। ସିଆର୍‌ଆର୍‌ଆଇର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର କେନ୍ଦ୍ର ମନ୍ତ୍ରୀ ଓ ଅଂଶୀଦାର, ଚାଷୀଙ୍କୁ ସ୍ୱାଗତ କରିଥିଲେ। ଡକ୍ଟର ରାହୁଲ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କେନ୍ଦ୍ର କୃଷିମନ୍ତ୍ରୀ ରାଜହଂସ ଅଞ୍ଚଳକୁ ଯାଇ କୃଷକମାନଙ୍କ ସହ ଆଲୋଚନା କରିବା ସହ କୃଷିକ୍ଷେତ୍ର ପରିଦର୍ଶନ କରିଥିଲେ।

CUTTACK Edition
Page No.8 November 11, 2025

The Dharitri Odia Daily : Dt.11.11.25 : Pg.No.08

ଭୁବନେଶ୍ୱର, ମଙ୍ଗଳବାର,
୧୧ ନଭେମ୍ବର, ୨୦୨୫

# ଚାଷୀଙ୍କ ସମସ୍ୟା ବୁଝିଲେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜସିଂହ ଚୌହାନ

କଟକ ସଦର,୧୦।୧୧
(ସୁଶାନ୍ତ କୁମାର ଜେନା):

କଟକସ୍ଥିତ ଜାତୀୟ ଧାନ ଗବେଷଣା କେନ୍ଦ୍ର ଗସ୍ତରେ ଆସି ସୋମବାର କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଚାଷୀମାନଙ୍କ ସମସ୍ୟା ବୁଝିବା ପାଇଁ କ୍ଷେତ୍ର ସ୍ଥଳକୁ ଯାଇଥିଲେ। କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ପଞ୍ଚାୟତ ରାଜହଂସ ଗ୍ରାମକୁ ଆସି ଚାଷ ଜମିରେ ବସି ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀଙ୍କୁ ପଚାରିଥିଲେ। ପୂର୍ବ ଭାରତରେ କି ପ୍ରକାର ସମସ୍ୟା ଚାଷୀମାନେ ସମ୍ମୁଖୀନ ହେଉଛନ୍ତି ସେକଥା ପଚାରିବା ବେଳେ ନିଆଳି ବ୍ଲକ ପହଙ୍ଗା ପଞ୍ଚାୟତ ସୁନ୍ଦରଦା ଗ୍ରାମର ଅଗ୍ରଣୀ ଚାଷୀ ଧରଣୀଧର ନାୟକ ଧାନ ଅପେକ୍ଷା ଡାଲି ଜାତୀୟ ଫସଲରୁ ଚାଷୀମାନେ ଅଧିକ ଲାଭବାନ ହେଉଛନ୍ତି ବୋଲି କହିଥିଲେ। ଜଳସେଚିତ ଅଞ୍ଚଳରେ ଧାନ ବ୍ୟତୀତ ଅନ୍ୟ ଫସଲ କରିବା ପାଇଁ ଜଳସେଚନର ସୁବିଧା କରିବାକୁ ସୌରଶକ୍ତି ପମ୍ପ ବସାଇବା ପାଇଁ ରାଜହଂସ ଚାଷୀ ନିରଞ୍ଜନ ମୁଦୁଲି, ଗୋବିନ୍ଦ ଚନ୍ଦ୍ର ବେହେରା, ବାବନ ବେହେରା ଓ ରାମଚନ୍ଦ୍ର ମୁଦୁଲି ମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଏହାଛଡା ଏହି ଅଞ୍ଚଳରେ ଅଧିକାଂଶ ଲୋକେ ପରିବା ଚାଷ କରୁଥିବାରୁ କୃଷକ ବଜାର ଖୋଲିବା, ଷଣ୍ଢ ଓ ମାଙ୍କଡ ଦାଉରୁ ଫସଲ ରକ୍ଷା କରିବା ପାଇଁ ପ୍ରମୁଖ ଦାବି ଉଠିଥିଲା। ଧାନ ବିକ୍ରି ପାଇଁ ସୁବିଧା କରିବାକୁ ପରମହଂସ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳ ଦାବି କରିଥିଲେ। କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ ରାଜ୍ୟ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୌର ବାଡ଼ର ବ୍ୟବସ୍ଥା ପାଇଁ ସ୍ଥାନୀୟ ଚାଷୀମାନେ ସହାୟତା ଲୋଡ଼ିଲେ, ସରକାର ବିଚାର କରିବେ ବୋଲି କହିଥିଲେ। ଜାତୀୟ ଧାନ ଗବେଷଣା କେନ୍ଦ୍ର ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଉପକୃଷି ମହାନିର୍ଦ୍ଦେଶକ ଡ. ଡି.କେ. ଯାଦବ, ଡ. ଏ.କେ. ନାୟକ, ଧାନ ଗବେଷଣା କେନ୍ଦ୍ର ନିର୍ଦ୍ଦେଶକ ଡ. ଜି ଏ.କେ. କୁମାର, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ, କଟକ ସଦର ବ୍ଲକ କୃଷି ଅଧିକାରୀ ଯାଫନା ରାୟ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା, କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଆତ୍ମାର ସଭାପତି ରମା ପ୍ରସାଦ ବିଶ୍ୱାଳ, କୃଷକ ସାଥୀ ଲକ୍ଷ୍ମୀଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

The Union Agricultural Minister Sj. Shivraj Singh Chouhan's Facebook e-Publishing : Dt.11.11.25

Link: https://www.facebook.com/reel/3277786525711906



The Sanmarg Hindi Daily : Dt.11.11.25 : Pg.No.05

सन्मार्ग, भुवनेश्वर, मंगलवार, 11 नवंबर, 2025

# केंद्रीय कृषि मंत्री शिवराज सिंह चौहान खेत में उतरे

## बोले-किसान ही हैं सच्चे भगवान



कटक, (निप्र) : केंद्रीय कृषि मंत्री शिवराज सिंह चौहान ने सोमवार को कटक सदर ब्लॉक के परमहंस ग्राम पंचायत के राजहंस गांव में खेतों में जाकर किसानों से सीधे संवाद किया। मंत्री ने कहा कि कृषि और किसान के विकास के लिए हमें खेतों में उतरना ही होगा, क्योंकि किसान ही हमारे देश के 'अन्नदाता' और 'भगवान' हैं। मंत्री चौहान ने कहा कि सरकार ने यह सुनिश्चित करने की व्यवस्था की है कि किसान द्वारा उत्पादित फसल का मूल्य मध्यस्थों के माध्यम से नहीं बल्कि सीधे किसान के बैंक खाते में जाए। उन्होंने बताया कि सरकार की विभिन्न योजनाओं के माध्यम से किसानों को प्रत्यक्ष लाभ ट्रांसफर (डीबीटी) की सुविधा दी जा रही है, जिससे किसान का हक अब बिचौलियों तक सीमित नहीं रहेगा।

### फसल में कीट प्रकोप पर चिंता, मुआवजे का भरोसा

केंद्रीय मंत्री ने स्वीकार किया कि हाल के दिनों में सब्जियों की फसलों पर कीट प्रकोप से कई किसानों को भारी नुकसान हुआ है। उन्होंने कहा सरकार किसानों को किसान बीमा योजना के तहत क्षतिपूर्ति देने के लिए तैयार है। फसलों पर कीट लगना एक गंभीर समस्या है और इसका शीघ्र समाधान किया जाएगा। चौहान ने कहा कि सरकार सब्जी उत्पादन से लेकर धान की खेती तक पर विशेष ध्यान दे रही है। उन्होंने बताया कि गोभी (पत्ता गोभी) की खेती करने वाले किसानों की औसत आय जो पहले तीन लाख रुपये थी, उसे चार लाख रुपये तक बढ़ाने का प्रयास किया जा रहा है।

### सौर ऊर्जा से खेती को बढ़ावा

केंद्रीय मंत्री ने कहा कि खेती में सौर ऊर्जा प्रणाली लागू होने से किसान अत्यधिक लाभान्वित होंगे। उन्होंने कहा कि यदि सोलर प्रणाली को प्रभावी रूप से लागू किया गया, तो किसान न केवल लागत घटा पाएंगे बल्कि अपनी आय भी बढ़ा सकेंगे। इस अवसर पर राज्य कृषि मंत्री कनक वर्धन सिंहदेव, आईसीएआर के डीडीजी डा डीके यादव, धान अनुसंधान केंद्र के निदेशक जीएके कुमार और डा एसडी महापात्र समेत अनेक कृषि वैज्ञानिक और अधिकारी उपस्थित थे।

The Samaya Odia Daily : Dt.11.11.25 : Pg.No.03

ସମୟ
ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ
11 Nov 2025 - Page 3

# ଓଡ଼ିଶାର ଚାଷୀଙ୍କୁ ସଶକ୍ତ କରିବାରେ ସିଆର୍‌ଆର୍‌ଆଇ ଏକ ପ୍ରମୁଖ ମାଇଲଖୁଣ୍ଟ : ଶିବରାଜ



ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ସୋମବାର କଟକର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଧନ-ଧନ୍ୟ କୃଷି ଯୋଜନା, ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ କାର୍ଯ୍ୟକାରୀ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ ।

କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଚାଷୀଙ୍କ ଜୀବନକୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ । ପ୍ରାକୃତିକ କୃଷି ମାଧ୍ୟମରେ ଓଡ଼ିଶା ପନିପରିବା ଚାଷରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି । ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବାକୁ ନିଶ୍ଚିତ କରିବା ପାଇଁ ସେ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । ଓଡିଶାର ଅନୁକୂଳ ଜଳବାୟୁ ପାଇଁ ଡାଲିର ବୃହତ ପରିମାଣର ଉତ୍ପାଦନକୁ ଉତ୍ସାହିତ କରିଥିଲେ । ସେ ଚାଷୀମାନଙ୍କୁ ବିଷାକ୍ତ ରାସାୟନିକ କଟକ ସଦରର ରାଜହଂସ ଗ୍ରାମକୁ ତାଙ୍କ ଗସ୍ତ ସମୟରେ ମନ୍ତ୍ରୀ ଚାଷୀମାନଙ୍କ ସହିତ ସେମାନଙ୍କ କୃଷି ଚ୍ୟାଲେଞ୍ଜ ବୁଝିବା ପାଇଁ ଆଲୋଚନା କରିଥିଲେ । ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା, ଆର୍ଥିକ ଏବଂ ବୈଷୟିକ ସହାୟତା, ବିକେନ୍ଦ୍ରୀକରଣ ଯୋଜନା, ନୀତିଗତ ଅଭିସରଣ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଓଡ଼ିଶା ରାଜ୍ୟ କୃଷିର ଉନ୍ନତି ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛି । ଡକ୍ଟର ଏ.କେ. ନାୟକ, ଡିଡିଜି (ଏନଆରଏମ) ବକ୍ତବ୍ୟ ରଖିଥିଲେ । ଶ୍ରୀମତୀ ଏଫ. ଦେବୋରା ଇନିଥା, ଯୁଗ୍ମ ସଚିବ (ଫସଲ) ପ୍ରଧାନମନ୍ତ୍ରୀ ଧନ-ଧନ୍ୟ କୃଷି ଯୋଜନାର କାର୍ଯ୍ୟାନ୍ୱୟନ ସୂଚୀକୁ ରୂପରେଖା ଦେଇଥିଲେ ।

The Utkalmail Odia Daily : Dt.11.11.25 : Pg.No.03

# କେନ୍ଦ୍ର କୃଷିମନ୍ତ୍ରୀ କ୍ଷେତ ପରିଦର୍ଶନ ସହ ଚାଷୀଙ୍କ ସହ ଆଲୋଚନା କଲେ



କଟକ,୧୦/୧୧: କଟକ ସଦର ବ୍ଲକ ପରମ ହଂସ ଗ୍ରାମ ପଂଚାୟତର ରାଜ ହଂସ ଠାରେ କେନ୍ଦ୍ରକୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ କ୍ଷେତ ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହ ଆଲୋଚନା କରିଥିଲେ। କୃଷି ଏବଂ କୃଷକର ବିକାଶ ପାଇଁ କ୍ଷେତ କୁ ଯିବାକୁ ପଡିବ। କୃଷକ ମାନଙ୍କୁ ଭଗବାନ ବୋଲି ଗଣନା କରାଯାଏ । କ୍ଷେତ କୁ ଯାଇ କୃଷକ ମାନଙ୍କ ସମସ୍ୟା ବୁଝିବା ଦରକାର। ଚାଷୀ ଟି ଉତ୍ପାଦନ କରୁଥିବା ଶସ୍ୟ ଉତ୍ପାଦନ ର ମୂଲ୍ୟ ମଧ୍ୟସ୍ଥି ମାଧ୍ୟମରେ ନଯାଇ ସିଧାସଳଖ ଚାଷୀ ଙ୍କ ଖାତାକୁ ଯିବାପାଇଁ ସରକାର ଯୋଜନା ମାଧ୍ୟମରେ ବ୍ୟବସ୍ଥା ଗ୍ରହଣ କରିଛନ୍ତି। କ୍ଷେତ ରେ ପନିପରିବା ଚାଷ କଲାବେଳେ ପୋକ ଲାଗି ବହୁ ଚାଷୀଙ୍କ କ୍ଷୟ କ୍ଷତି ହେଉଛି। ତେଣୁ ସରକାର କ୍ଷତି ପୂରଣ ଦେବାପାଇଁ ପ୍ରସ୍ତୁତ ଅଛନ୍ତି। କ୍ଷେତ ରେ ପୋକ ଲାଗିବା ଏକ ବଡ ସମସ୍ୟା। ଏହାର ଯଥା ଶୀଘ୍ର ସମସ୍ୟାର ସମାଧାନ କରାଯିବ। ପନିପରିବା ଠାରୁ ଆରମ୍ଭ କରି ଧାନ ଚାଷ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସେହି ଭଳି କୋବି ଚାଷକରି ଚାଷୀ ମାନେ ପାଉଥିବା ତିନି ଲକ୍ଷ ଟଙ୍କାରୁ ଚାରି ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ପ୍ରୟାସ ଜାରି ରହିଛି। ସୋଲାର ପଦ୍ଧତିକୁ କାର୍ଯ୍ୟ କାରୀ କରାଗଲେ ଚାଷୀ ମାନେ ବହୁ ପରିମାଣରେ ଉପ କୃତ ହୋଇ ପାରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କ ସମେତ ଆଇ ସି ଆର୍ଡିଜି ଡି କେ ଯାଦବ, ଧାନ ଗବେଷଣା କେନ୍ଦ୍ର ର ନିର୍ଦ୍ଦେଶକ ଜି ଏ କେ କୁମାର, ଡକ୍ଟର ଏସ ଡି ମହାପାତ୍ର ଙ୍କ ସମେତ ବହୁ କୃଷି ବୈଜ୍ଞାନିକ ମାନେ ଉପସ୍ଥିତ ଥିଲେ ।

The Anupam Bharat Odia Daily

Dt.11.11.25 : Pg.No.03

# କଟକରେ ପରିବା ଚାଷ ବୁଲି ଦେଖିଲେ କେନ୍ଦ୍ର କୃଷି ମନ୍ତ୍ରୀ



କଟକ,୧୦।୧୧(ଅନୁପମ ମିଡ଼ିଆ) : କଟକ ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରାଜହଂସ ଗ୍ରାମରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି ।

କଟକ ଗସ୍ତରେ ଆସିଥିବା ବେଳେ ପରିବା ଚାଷ ହେଉଥିବା ଅଞ୍ଚଳ ଶ୍ରୀ ଚୌହାନ ବୁଲି ଦେଖିଥିଲେ । ବିଶେଷକରି ଏହି ଅଞ୍ଚଳରେ ହେଉଥିବା ପରିବା ଚାଷକୁ ବୁଲି ଦେଖିବା ସହ ଚାଷର ପଦ୍ଧତି ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ ଚାଷୀମାନଙ୍କ ସହ ବସି ସେ ଆଲୋଚନା କରିଥିଲେ। ସାଂପ୍ରତିକ ସମୟରେ ଉନ୍ନତ ଜ୍ଞାନକୌଶଳରେ ଚାଷ କରାଯାଉଥିବା ବେଳେ ଆଗକୁ କିଭଳି ଭାବେ ଏହି ଅଞ୍ଚଳରେ କିପରି ତାହାକୁ ଅନୁସରଣ କରାଯିବ ସେ ସମ୍ପର୍କରେ ପଚାରି ବୁଝିଥିଲେ । ବିଶେଷ କରି ସୋଲାର ଶକ୍ତିକୁ କିଭଳି ବ୍ୟବହାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା କଥା କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି । ଅପର ପକ୍ଷରେ ଚାଷୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ନିଜର ଅସୁବିଧା ସମ୍ପର୍କରେ ଅବଗତ କରାଯାଇଥିଲେ।

# କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀଙ୍କ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ

## ଓଡ଼ିଶାର ଚାଷୀମାନଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ

ଭୁବନେଶ୍ୱର: ମାନନୀୟ କେନ୍ଦ୍ର କୃଷି, କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ୧୦ ନଭେମ୍ବର ୨୦୨୫ରେ କଟକ ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଗସ୍ତ କରି 'ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା, ଡାଲି ଜାତୀୟ ଫସଲ ଆତ୍ମନିର୍ଭରତା ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ' ବିଷୟରେ କାର୍ଯ୍ୟକାରୀ କରିବା ପାଇଁ ଏକତ୍ରୀକରଣ ରଣନୀତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକର ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ (ଭର୍ଚୁଆଲ୍ ଭାବରେ); ଡକ୍ଟର ଦେବେଶ ଚତୁର୍ବେଦୀ, କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ଅତିରିକ୍ତ ସଚିବ, (ଭର୍ଚୁଆଲ୍ ଭାବରେ) ଯୋଗ ଦେଇଥିଲେ। ଶ୍ରୀମତୀ ଏଫ୍. ଦେବୋରା ଇନିଆ, ଯୁଗ୍ମ ସଚିବ (ଫସଲ), ଭାରତ ସରକାର, ପରିଷଦର ଫସଲ ବିଜ୍ଞାନ ସଂଭାଗର ଉପମହାନିର୍ଦ୍ଦେଶକ ଡକ୍ଟର ଡି.କେ. ଯାଦବ; ପ୍ରାକୃତିକ ସମ୍ପଦ ପରିଚାଳନା ସଂଭାଗର ଉପମହାନିର୍ଦ୍ଦେଶକ ଡକ୍ଟର ଏ.କେ. ନାୟକ; ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏନ.ପି. ଦୀକ୍ଷିତ, ବୈଜ୍ଞାନିକ ଗଣ, ରାଜ୍ୟ ସରକାରଙ୍କ ବିଭାଗର ଅଧିକାରୀ ଗଣ ଏବଂ ପ୍ରାୟ ୪୦୦ ଜଣ ଚାଷୀ



ଓ ମହିଳା ଚାଷୀ ବୈଠକରେ ଅଂଶଗ୍ରହଣ କରିଥିଲେ। ମାନ୍ୟବର କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଚାଷୀଙ୍କ ଜୀବନକୁ ଯଥେଷ୍ଟ ପରିବର୍ତ୍ତନ ଆଣିଛି। ସେ ଆଲୋକପାତ କରିଥିଲେ ଯେ ପ୍ରାକୃତିକ କୃଷି ମାଧ୍ୟମରେ ଓଡ଼ିଶା ପନିପରିବା ଚାଷରେ ଉଲ୍ଲେଖନୀୟ ଅଗ୍ରଗତି କରୁଛି। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦର ଉଚିତ ମୂଲ୍ୟ ପାଇବାକୁ ନିଶ୍ଚିତ କରିବା ପାଇଁ ସେ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ମାନ୍ୟବର ମନ୍ତ୍ରୀ ଓଡ଼ିଶାର ଅନୁକୂଳ ଜଳବାୟୁ ପାଇଁ ଡାଲିର ବୃହତ ପରିମାଣର ଉତ୍ପାଦନକୁ ଉତ୍ସାହିତ କରିଥିଲେ। ସେ ଚାଷୀମାନଙ୍କୁ ବିଷାକ୍ତ ରାସାୟନିକ ପଦାର୍ଥରୁ ଦୂରେଇ ଯାଇ ପଶୁପାଳନ, ମତ୍ସ୍ୟପାଳନ ଏବଂ କୁକୁଡ଼ା ପାଳନ ସମେତ ପ୍ରାକୃତିକ ଏବଂ ସମନ୍ୱିତ କୃଷି ପଦ୍ଧତି ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କଟକ ସଦରର ରାଜହଂସ ଗ୍ରାମ ଗସ୍ତ ସମୟରେ, ମାନ୍ୟବର ମନ୍ତ୍ରୀ ଚାଷୀମାନଙ୍କ ସହିତ ସେମାନଙ୍କ କୃଷି ଚ୍ୟାଲେଞ୍ଜ ବୁଝିବା ପାଇଁ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ଧାନ ଏବଂ ପନିପରିବା ବ୍ୟତୀତ ଡିହନ ଉତ୍ପାଦନ ସମେତ ସେମାନଙ୍କର ଫସଲକୁ ବିବିଧ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ଏବଂ କୃଷି ମନ୍ତ୍ରୀ, ଓଡ଼ିଶା ସରକାର, ତାଙ୍କ ଭାଷଣରେ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା, ଆର୍ଥିକ ଏବଂ ବୈଷୟିକ ସହାୟତା, ବିକେନ୍ଦ୍ରୀକରଣ ଯୋଜନା, ନୀତିଗତ ଅଭିସରଣ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ କୃଷିର ଉନ୍ନତି ପାଇଁ ଓଡ଼ିଶା ରାଜ୍ୟ ମିଳିତ ଭାବରେ କାର୍ଯ୍ୟ କରୁଛି। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗର ସଚିବ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ କହିଛନ୍ତି ଯେ ଓଡ଼ିଶାରେ ଏକ ବିଶାଳ ଜୈବ ବିବିଧତା ସଂରଚନା ଅଛି। ବର୍ତ୍ତମାନ, ଓଡ଼ିଶା ପ୍ରାକୃତିକ କୃଷି ଉପରେ ଗୁରୁତ୍ୱ ଦେଉଛି, ଏବଂ ଓଡ଼ିଶା ଏଥିପାଇଁ ଉତ୍ତମ କାର୍ଯ୍ୟ ହାତକୁ ନେଇଛି। ବହୁତ ଶୀଘ୍ର, ପ୍ରାକୃତିକ କୃଷିର କ୍ଷେତ୍ରକୁ ଓଡ଼ିଶାର ଜୈବ ବିବିଧତା ସହିତ ସମନ୍ୱିତ କରାଯିବ। ଭାରତର ଅତିରିକ୍ତ ସଚିବ ଏବଂ ଆଇସିଏଆରର ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଓଡ଼ିଶାରେ ପାମ୍ ତେଲର କ୍ଷେତ୍ର ପ୍ରସାର ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଛନ୍ତି। ପରିଷଦର ଫସଲ ବିଜ୍ଞାନ ସଂଭାଗର ଉପମହାନିର୍ଦ୍ଦେଶକ ଡକ୍ଟର ଡି.କେ. ଯାଦବ, ତୃଣମୂଳ ସ୍ତରରେ କୃଷି ଯୋଜନାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସଂସ୍ଥା, କୃଷି ପ୍ରତିଷ୍ଠାନ ଏବଂ କୃଷକ ଗୋଷ୍ଠୀ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ପ୍ରାକୃତିକ ସମ୍ପଦ ପରିଚାଳନା ସଂଭାଗର ଉପମହାନିର୍ଦ୍ଦେଶକ ଡକ୍ଟର ଏ.କେ. ନାୟକ ଆଲୋକପାତ କରିଛନ୍ତି ଯେ ପ୍ରାକୃତିକ କୃଷି ମୃତ୍ତିକା ସ୍ୱାସ୍ଥ୍ୟକୁ ବୃଦ୍ଧି କରେ, ଖର୍ଚ୍ଚ ହ୍ରାସ କରେ ଏବଂ ମହଙ୍ଗା ରାସାୟନିକ ଇନପୁଟ୍ ଦୂର କରି ଏବଂ ଜଳ ସଂରକ୍ଷଣ କରି ଚାଷୀଙ୍କ ଆୟ ବୃଦ୍ଧି କରେ। ଶ୍ରୀମତୀ ଏଫ୍. ଦେବୋରା ଇନିଆ, ଯୁଗ୍ମ ସଚିବ (ଫସଲ) ପ୍ରଧାନମନ୍ତ୍ରୀ ଧନ-ଧନ୍ୟ କୃଷି ଯୋଜନାର କାର୍ଯ୍ୟାନ୍ୱୟନ ସୂଚୀକୁ ରୂପରେଖ ଦେଇଥିଲେ, ଯାହା ଦେଶବ୍ୟାପୀ ୧୦୦ ଜିଲ୍ଲା ମଧ୍ୟରୁ ଓଡ଼ିଶାର ଚାରୋଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରେ। ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଏନ.ପି. ଦୀକ୍ଷିତ, ଭାରତର ଡାଲିର ଏକ ପ୍ରମୁଖ ବିଶ୍ୱ ରପ୍ତାନିକାରୀ ହେବାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ସିଆରଆରଆଇର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର ମାନନୀୟ କେନ୍ଦ୍ର ମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଅଂଶୀଦାର, ଚାଷୀଙ୍କୁ ସ୍ୱାଗତ କରିଥିଲେ ଏବଂ ଡକ୍ଟର ରାହୁଲ ତ୍ରିପାଠୀ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

# ‘କେନ୍ଦ୍ର କୃଷି ମନ୍ତ୍ରୀଙ୍କ କଟକର ICAR-CRRI ଗସ୍ତ




ଭୁବନେଶ୍ୱର, ୧୦/୧୧ (ପିଆଇବି): ‘କେନ୍ଦ୍ର କୃଷି ମନ୍ତ୍ରୀଙ୍କ କଟକର ICAR-CRRI ଗସ୍ତ ଓଡ଼ିଶାର ଚାଷୀମାନଙ୍କୁ ସଶକ୍ତ କରିବାରେ ଏକ ପ୍ରମୁଖ ମାଇଲଖୁଣ୍ଟ’ ମାନ୍ୟବର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନଙ୍କ ଅଧ୍ୟକ୍ଷତାରେ ୧୦ ନଭେମ୍ବର ୨୦୨୫ ରେ କଟକର ICAR-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ ଗସ୍ତ ସମୟରେ ‘ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକତ୍ରୀକରଣ ରଣନୀତି, ଡାଲିରେ ଆତ୍ମନିର୍ଭରତା ପାଇଁ ମିଶନ ଏବଂ ପ୍ରାକୃତିକ କୃଷି ପାଇଁ ଜାତୀୟ ମିଶନ’ ଉପରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗ ସଚିବ ଡକ୍ଟର ଏମ.ଏଲ. ଜାଟ, ଭଇଜରର ଅତିରିକ୍ତ ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଏବଂ ଓଉଇଜର ସଚିବ ଭରତ୍ୱାଲ ଭାବରେ ଯୋଗ ଦେଇଥିଲେ। ଭାରତ ସରକାରଙ୍କ ଯୁଗ୍ମ ସଚିବ (ଫସଲ) ଶ୍ରୀମତୀ ଏଫ. ଦେବୋରା ଇନିଆ, ଉପ-ମହାନିର୍ଦ୍ଦେଶକ (ଫସଲ ବିଜ୍ଞାନ); ଡକ୍ଟର ଏ.କେ. ନାୟକ, ଉପ-ନିର୍ଦ୍ଦେଶକ ମହାନିର୍ଦ୍ଦେଶକ (ପ୍ରାକୃତିକ ସମ୍ପଦ ପରିଚାଳନା); ଡକ୍ଟର ଏନ.ପି. ଦୀକ୍ଷିତ, ନିର୍ଦ୍ଦେଶକ, ଭାରତୀୟ ପଲ୍ସ ଗବେଷଣା ସଂସ୍ଥା, ବୈଜ୍ଞାନିକ, ରାଜ୍ୟ ସରକାରଙ୍କ ବିଭାଗର ଅଧିକାରୀ ଏବଂ ପ୍ରାୟ ୪୦୦ ଜଣ ଚାଷୀ ବୈଠକରେ ଅଂଶଗ୍ରହଣ କରିଥିଲେ। ମାନ୍ୟବର କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ସହଯୋଗରେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଚାଷୀଙ୍କ ଜୀବନକୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ। ପ୍ରାକୃତିକ କୃଷି ମାଧ୍ୟମରେ ପନିପରିବା ଚାଷରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରୁଛି ବୋଲି ସେ ଆଲୋକପାତ କରିଥିଲେ। ଚାଷୀମାନଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବାକୁ ସେ ନିଶ୍ଚିତ କରିବା ପାଇଁ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ମାନ୍ୟବର ମନ୍ତ୍ରୀ ଓଡ଼ିଶାର ଅନୁକୂଳ ଜଳବାୟୁ ପାଇଁ ଡାଲିର ବୃହତ ପରିମାଣର ଉତ୍ପାଦନକୁ ଉତ୍ସାହିତ କରିଥିଲେ। ସେ ଚାଷୀମାନଙ୍କୁ ବିଷାକ୍ତ ରାସାୟନିକ ପଦାର୍ଥରୁ ଦୂରେଇ ଯାଇ ପଶୁପାଳନ, ମତ୍ସ୍ୟପାଳନ ଏବଂ କୁକୁଡ଼ା ପାଳନ ସମେତ ପ୍ରାକୃତିକ ଏବଂ ସମନ୍ୱିତ କୃଷି ପଦ୍ଧତି ଗ୍ରହଣ କରିବାକୁ ଅନୁରୋଧ କରିଥିଲେ। କଟକ ସଦରର ରାଜହଂସ ଗ୍ରାମକୁ ତାଙ୍କ ଗସ୍ତ ସମୟରେ, ମାନ୍ୟବର ମନ୍ତ୍ରୀ ଚାଷୀମାନଙ୍କ ସହିତ ସେମାନଙ୍କ କୃଷି ଚ୍ୟାଲେଞ୍ଜ ବୁଝିବା ପାଇଁ ଆଲୋଚନା କରିଥିଲେ ଏବଂ ଧାନ ଏବଂ ପନିପରିବା ବ୍ୟତୀତ ବିହନ ଉତ୍ପାଦନ ସମେତ ସେମାନଙ୍କ ଫସଲକୁ ବିବିଧ କରିବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ଏବଂ କୃଷିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ତାଙ୍କ ଭାଷଣରେ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ପ୍ରାୟୋଜିତ ଯୋଜନା, ଆର୍ଥିକ ଏବଂ ବୈଷୟିକ ସହାୟତା, ବିକେନ୍ଦ୍ରୀକରଣ ଯୋଜନା, ନୀତିଗତ ଅଭିସରଣ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱିତ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଓଡ଼ିଶା ରାଜ୍ୟ କୃଷିର ଉନ୍ନତି ପାଇଁ ମିଳିତ ଭାବରେ କାର୍ଯ୍ୟ କରୁଛି। ଭଇଜରର ସଚିବ ଏବଂ ଓଉଇଜର ମହାନିର୍ଦ୍ଦେଶକ ଡକ୍ଟର ଏମ୍.ଏଲ୍. ଜାଟ କହିଛନ୍ତି ଯେ ଓଡ଼ିଶାରେ ଏକ ବିଶାଳ ଜୈବ ବିବିଧତା ସଂରଚନା ଅଛି। ବର୍ତ୍ତମାନ, ଓଡ଼ିଶା ପ୍ରାକୃତିକ କୃଷି ଉପରେ ଗୁରୁତ୍ୱ ଦେଉଛି, ଏବଂ ଓଉଇଜ ଏଥିପାଇଁ ଡୋମେନ୍ କାର୍ଯ୍ୟ ହାତକୁ ନେଇଛି। ବହୁତ ଶୀଘ୍ର, ପ୍ରାକୃତିକ କୃଷିର ଡୋମେନ୍ ଓଡ଼ିଶାର ଜୈବ ବିବିଧତା ସହିତ ସମନ୍ୱିତ ହେବ। ଭଇଜରର ଅତିରିକ୍ତ ସଚିବ ଏବଂ ଓଉଇଜର ସଚିବ ଡକ୍ଟର ଦେବେଶ ଚତୁର୍ବେଦୀ ଓଡ଼ିଶାରେ ପାମ୍ ତେଲର କ୍ଷେତ୍ର ପ୍ରସାର ଏବଂ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ତୃଣମୂଳ ସ୍ତରରେ କୃଷି ଯୋଜନାକୁ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ପାଇଁ ଡକ୍ଟର ଡି.କେ. ଯାଦବ, ସରକାରୀ ସଂସ୍ଥା, କୃଷି ପ୍ରତିଷ୍ଠାନ ଏବଂ ଚାଷୀ ଗୋଷ୍ଠୀ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଏ.କେ. ନାୟକ, ଡିଡିଜି (ଏନଆରଏମ) ଆଲୋକପାତ କରିଥିଲେ ଯେ ପ୍ରାକୃତିକ କୃଷି ମୃତ୍ତିକା ସ୍ୱାସ୍ଥ୍ୟକୁ ବୃଦ୍ଧି କରେ, ଖର୍ଚ୍ଚ ହ୍ରାସ କରେ ଏବଂ ମହଙ୍ଗା ରାସାୟନିକ ଇନପୁଟକୁ ଦୂର କରି ଏବଂ ଜଳ ସଂରକ୍ଷଣ କରି ଚାଷୀଙ୍କ ଆୟ ବୃଦ୍ଧି କରେ। ଶ୍ରୀମତୀ ଏଫ. ଦେବୋରା ଇନିଆ, ଯୁଗ୍ମ ସଚିବ (ଫସଲ) ପ୍ରଧାନମନ୍ତ୍ରୀ ଧନ-ଧାନ୍ୟ କୃଷି ଯୋଜନାର କାର୍ଯ୍ୟାନ୍ୱୟନ କାର୍ଯ୍ୟସୂଚୀ ବର୍ଣ୍ଣନା କରିଥିଲେ, ଯାହା ସାରା ଦେଶର ୧୦୦ ଜିଲ୍ଲା ମଧ୍ୟରୁ ଓଡ଼ିଶାର ଚାରୋଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରିବ। ଆଇଆଇପିଆରର ନିର୍ଦ୍ଦେଶକ ଡକ୍ଟର ଏନ.ପି. ଦୀକ୍ଷିତ, ଡାଲିର ଏକ ପ୍ରମୁଖ ବିଶ୍ୱ ରପ୍ତାନିକାରୀ ହେବା ପାଇଁ ଭାରତର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡକ୍ଟର ଜି.ଏ.କେ. କୁମାର, ମାନ୍ୟବର କେନ୍ଦ୍ର ମନ୍ତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଅଂଶୀଦାର, ଚାଷୀଙ୍କୁ ସ୍ୱାଗତ କରିଥିଲେ ଏବଂ ପ୍ରମୁଖ ବୈଜ୍ଞାନିକ ଡକ୍ଟର ରାହୁଲ ତ୍ରିପାଠି ଏକ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ।

The Sambad Kalika Odia Daily : Dt.11.11.25 : Pg.No.08

# କଟକରେ ପରିବା ଚାଷ ବୁଲି ଦେଖିଲେ କେନ୍ଦ୍ର କୃଷିମନ୍ତ୍ରୀ



**କଟକ ୧୦।୧୧ ନ୍ୟୁଜ ବ୍ୟୁରୋ**

କଟକ ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ଅଧୀନ ରାଜହଂସ ଗ୍ରାମରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । କଟକ ଗସ୍ତରେ ଆସିଥିବା ବେଳେ ପରିବା ଚାଷ ହେଉଥିବା ଅଞ୍ଚଳ ବୁଲି ଦେଖିଥିଲେ। ବିଶେଷ କରି ଏହି ଅଞ୍ଚଳରେ ହେଉଥିବା ପରିବା ଚାଷକୁ ବୁଲି ଦେଖିବା ସହ ଚାଷର ପଦ୍ଧତି ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଚାଷୀମାନଙ୍କ ସହ ବସି ଆଲୋଚନା କରିଥିଲେ। ବର୍ତ୍ତମାନ ସମୟରେ ଉନ୍ନତ ଜ୍ଞାନ କୌଶଳରେ ଚାଷ କରାଯାଉଥିବା ବେଳେ ଆଗକୁ କିଭଳି ଭାବେ ଏହି ଅଞ୍ଚଳରେ ତାହାକୁ ଅନୁସରଣ କରାଯିବ ସେ ସମ୍ପର୍କରେ ପଚାରି ବୁଝିଥିଲେ । ବିଶେଷ କରି ସୋଲାର ଶକ୍ତିକୁ କିଭଳି ବ୍ୟବହାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା କଥା କହିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ । ଅନ୍ୟପଟେ ଚାଷୀମାନେ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟି ନିଜର ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ ବୋଲି ଚାଷୀମାନେ କହିଛନ୍ତି ।

The Suryaprava Odia Daily

Dt.11.11.25 : Pg.No.03

# କଟକରେ ପରିବା ଚାଷ ବୁଲିଲେ କେନ୍ଦ୍ର କୃଷି ମନ୍ତ୍ରୀ



**।। ପ୍ରଭାନ୍ୟୁଜ ।। କଟକ, ୧୦।୧୧:** କଟକ ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ରାଜହଂସ ଗ୍ରାମରେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି । କଟକ ଗସ୍ତରେ ଆସିଥିବା ବେଳେ ପରିବା ଚାଷ ହେଉଥିବା ଅଞ୍ଚଳ ଶ୍ରୀ ଚୌହାନ ବୁଲି ଦେଖିଥିଲେ । ବିଶେଷକରି ଏହି ଅଞ୍ଚଳରେ ହେଉଥିବା ପରିବା ଚାଷକୁ ବୁଲି ଦେଖିବା ସହ ଚାଷର ପଦ୍ଧତି ସଂପର୍କରେ ପଚାରି ବୁଝିଥିଲେ । ଏହାପରେ ଚାଷୀମାନଙ୍କ ସହ ବସି ସେ ଆଲୋଚନା କରିଥିଲେ । ସାଂପ୍ରତିକ ସମୟରେ ଉନ୍ନତ ଜ୍ଞାନକୌଶଳରେ ଚାଷ କରାଯାଉଥିବା ବେଳେ ଆଗକୁ କିଭଳି ଭାବେ ଏହି ଅଞ୍ଚଳରେ କିପରି ତାହାକୁ ଅନୁସରଣ କରାଯିବ ସେ ସଂପର୍କରେ ପଚାରି ବୁଝିଥିଲେ । ବିଶେଷ କରି ସୋଲାର ଶକ୍ତିକୁ କିଭଳି ବ୍ୟବହାର କରାଯିବ ସେ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା କଥା କେନ୍ଦ୍ର କୃଷିମନ୍ତ୍ରୀ କହିଛନ୍ତି । ଅପର ପକ୍ଷରେ ଚାଷୀମାନେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ନିଜର ଅସୁବିଧା ସଂପର୍କରେ ଅବଗତ କରାଯାଇଥିଲେ ।

## The Khabar Odia Daily : Dt.11.11.25 : Pg.No.05

# ଆଞ୍ଚଳିକ

ପୃଷ୍ଠା ୫

# କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ, 'ମାଣ୍ଡିଆ ଦିବସ' କାର୍ଯ୍ୟକ୍ରମରେ ଦେବେ ଯୋଗ

ଭୁବନେଶ୍ୱର,୧୦/୧୧: ଭୁବନେଶ୍ୱରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ। ଏୟାରପୋର୍ଟରେ କେନ୍ଦ୍ରମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ ଏବଂ ଅନ୍ୟ ବରିଷ୍ଠ ବିଜେପି ନେତା ଓ କର୍ମୀ। କେନ୍ଦ୍ରମନ୍ତ୍ରୀ ରାଜ୍ୟରେ କୃଷକମାନଙ୍କ ଆୟ ବୃଦ୍ଧି, ପୋଷଣ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ପ୍ରାକୃତିକ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ। କେନ୍ଦ୍ର ମନ୍ତ୍ରୀ ସୋମବାର ସକାଳେ ପାଟନାରୁ ବାହାରି ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରେ ପହଞ୍ଚିଥିଲେ । ସେ ମାଣ୍ଡିଆର ପ୍ରଚାରପ୍ରସାରକୁ ନେଇ କହିଛନ୍ତି ଯେ, ମାଣ୍ଡିଆ ଗୋଟେ ସଂପୂର୍ଣ୍ଣ ଅନ୍ନ । ଏହା ପୋଷଣତତ୍ତ୍ୱରେ ଭରପୂର । ଏହା ଶରୀରକୁ ପୋଷଣ ଦେବା ସହ ପାଟି ପାଇଁ ସ୍ୱାଦ ବି ଲାଗେ । କମ୍ ପାଣି ଓ ଖରାପ ମାଟିରେ ଏହା ମଧ୍ୟ ଉତ୍ପାଦନ ହୋଇପାରିବ । ଆଗାମୀ ପିଢି ପାଇଁ ମଧ୍ୟ ମାଟିକୁ ସୁରକ୍ଷିତ ରଖିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ମିଲେଟର ପ୍ରଚାର ପ୍ରସାର ପାଇଁ ଯଥେଷ୍ଟ ପ୍ରୟାସ କରାଯାଉଛି। ମାଣ୍ଡିଆ ଦିବସ ଅବସରରେ ରାଜ୍ୟ ସରକାରଙ୍କୁ ଶୁଭେଚ୍ଛା ଜଣାଉଛି । ଆମକୁ ମାଣ୍ଡିଆ ଉତ୍ପାଦନ ବୃଦ୍ଧି କରିବା ସହ ବଜାର ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ କାର୍ଯ୍ୟ କରିବାର ଅଛି । ସୂଚନା ଅନୁଯାୟୀ, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ହେବାକୁ ଥିବା 'ମାଣ୍ଡିଆ ଦିବସ' (ମିଲେଟ୍? ଡେ') କାର୍ଯ୍ୟକ୍ରମର ଉଦ୍?ଘାଟନୀ ଅଧିବେଶନରେ ଯୋଗଦେବେ । ଏଥିରେ ସେ ଓଡ଼ିଶା ଏବଂ ଦେଶର ଅନ୍ୟାନ୍ୟ ସ୍ଥାନରେ ମିଲେଟ୍?ସ (ଶ୍ରୀ ଅନ୍ନ) ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ଉପଯୋଗକୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପ ବିଷୟରେ ବକ୍ତବ୍ୟ ରଖିବେ । କୃଷକଙ୍କ ଆୟ ବୃଦ୍ଧି ଏବଂ ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଶ୍ରୀଅନ୍ନକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା ବି କରାଯିବ । ପରେ କେନ୍ଦ୍ରମନ୍ତ୍ରୀ କଟକ ଜିଲ୍ଲାର ସଦର ଅଞ୍ଚଳ ଗସ୍ତ କରିବେ, ଯେଉଁଠାରେ ସେ କୃଷି କ୍ଷେତ୍ର ପରିଦର୍ଶନ କରିବେ ଏବଂ ଚାଷୀଙ୍କ ସହ ସିଧାସଳଖ ଆଲୋଚନା କରିବେ । ଅପରାହ୍ନରେ ସେ କଟକର ବିଦ୍ୟାଧରପୁରରେ ଆଇସିଏଆ ?-କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ବୈଠକରେ ଯୋଗଦେବେ । ବୈଠକରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା, ଡାଲି ଆତ୍ମନିର୍ଭରଶୀଳତା ମିଶନ ଉପରେ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିବେ।

The DD Odia News e-Publishing : Dt.19.11.25

Link: https://www.youtube.com/watch?v=A7hx4Wthias



The News At Odisha e-Publishing : Dt.19.11.25

Link: https://www.youtube.com/watch?v=UD19Lk3vMyo



The Nitidina Odia Daily : Dt.20.11.25 : Pg.No.11

# ପିଏମ୍ କିଷାନ ଯୋଜନା ପରଠାରୁ ବଦଳିଛି କୃଷକଙ୍କ ଆର୍ଥିକ ସ୍ଥିରତା

**କଟକ,୧୯।୧୧/ଏନ୍ଏନ୍ଏସ୍:** ବିଦ୍ୟାଧରପୁର ସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୧ତମ କିସ୍ତି ସିଧା ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ତାଙ୍କ ଉଦ୍‌ବୋଧନରେ କହିଲେ ଯେ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଆରମ୍ଭ ହେବା ପରଠାରୁ କୃଷକମାନଙ୍କ ଆର୍ଥିକ ସ୍ଥିରତା ବୃଦ୍ଧି,କୃଷି ଉତ୍ପାଦନରେ ନିବେଶ ବୃଦ୍ଧି ଏବଂ ଋଣ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ପ୍ରତ୍ୟକ୍ଷ ଆୟ ସହାୟତା ପ୍ରଦାନ କରି ସେମାନଙ୍କ ଅବସ୍ଥାକୁ ଉନ୍ନତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅଧୀନରେ ୨୧ତମ ଆର୍ଥିକ ସହାୟତା ବଣ୍ଟନ ସାରା ଦେଶରେ ଚାଷୀମାନଙ୍କୁ



ସହାୟତା ପ୍ରଦାନ କରିବା ପାଇଁ ସରକାରଙ୍କ ପ୍ରୟାସରେ ଆଉ ଏକ ମାଇଲଖୁଣ୍ଟ ବୋଲି ଶ୍ରୀ ଓରାମ୍ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲାରୁ ୨୮୬ରୁ ଊର୍ଦ୍ଧ୍ୱ ଚାଷୀ ଏବଂ କୃଷକ ମହିଳା ଅଂଶଗ୍ରହଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଓରାମ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ ଓ ଓଡ଼ିଶାର କୃଷି ଅଭିବୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଗତିଶୀଳ ଚାଷୀମାନଙ୍କୁ ସମ୍ମାନିତ କରିଥିଲେ। କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜିଏକେ କୁମାର କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଆୟୋଜନ କମିଟିର ଅଧ୍ୟକ୍ଷ ଡ. ଏସ୍. ଡି. ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡ. କେ. ଚକ୍ରବର୍ତ୍ତୀ ଏବଂ ଡ. ପିସି ଜେନା କାର୍ଯ୍ୟକ୍ରମର ଆୟୋଜକ ସଚିବ ଭାବେ କାର୍ଯ୍ୟ କରିଥିଲେ। ଆୟୋଜନ କମିଟିର ସହ ଅଧ୍ୟକ୍ଷ ଡ. ବିଶ୍ୱଜିତ ମଣ୍ଡଳ ଧନ୍ୟବାଦ୍ ଦେଇଥିଲେ।

The Sambad Odia Daily : Dt.20.11.25 : Pg.No.07

ସମ୍ବାଦ

# ସିଆରଆରଆଇରେ ପିଏମ୍ କିଷାନ ସମ୍ମାନ ନିଧିର ସିଧା ପ୍ରସାରଣ



କଟକ- ବିଦ୍ୟାଧରପୁର, ୧୯/୧୧(ଇମିସ): ତାମିଲନାଡୁର କୋଏମ୍ବାଟୁରରୁ ପିଏମ୍ କିଷାନ୍ ସମ୍ମାନ ନିଧି ଯୋଜନାରେ ପ୍ରଧାନମନ୍ତ୍ରୀ ୧୮ହଜାର କୋଟି କିସ୍ତି ଟଙ୍କା ୯ କୋଟି ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଇଛନ୍ତି। ସିଆରଆରଆଇରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏହି ଭର୍ଚୁଆଲ କାର୍ଯ୍ୟକ୍ରମକୁ କେନ୍ଦ୍ର ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଆରମ୍ଭ ହେବା ପରଠାରୁ କୃଷକମାନଙ୍କ ଆର୍ଥିକ ବିକାଶ ସହ କୃଷି ଉତ୍ପାଦନରେ ନିରନ୍ତର ବୃଦ୍ଧି ପରିଲକ୍ଷିତ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଟକ ଓ ଜଗତସିଂହପୁର ଜିଲ୍ଲାରୁ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଚାଷୀମାନେ ଯୋଗଦେଇଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଗତିଶୀଳ ଚାଷୀମାନଙ୍କୁ ସମ୍ମାନିତ କରିଥିଲେ। ଆୟୋଜକ କମିଟିର ଅଧ୍ୟକ୍ଷ ଡ. ଏମ୍. ଡି. ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ଼. ଜି. ଏ. କେ. କୁମାର ପତି ଅଧ୍ୟକ୍ଷତା କରିଥିଲେ। ଡ଼. କେ ଚକ୍ରବର୍ତ୍ତୀ, ଡ଼. ପିସି ଜେନା ଆୟୋଜକ କମିଟିର ସଚିବ ଭାବେ ସହଯୋଗ କରିଥିଲେ। ଡ଼. ବିଶ୍ୱଜିତ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

CUTTACK Edition
Page No.7 November 20, 2025

The Prameya Odia Daily : Dt.20.11.25 : Pg.No.13

CUTTACK 20 Nov, 2025

## ପିଏମ୍ କିଷାନ କିସ୍ତି ପ୍ରଦାନର ସିଧାପ୍ରସାରଣ

# ଆଭାସୀରେ ଯୋଡ଼ିହେଲେ ୨୮୬ ଚାଷୀ

